# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 08th February - 2026
**********************************

*Desk*

## ମୁଖ୍ୟମନ୍ତ୍ରୀ - ବଜେଟ୍ ପ୍ରସ୍ତାବ

ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ଆର୍ଥିକ ବର୍ଷରେ ବିଭିନ୍ନ ବିଭାଗରେ ଖର୍ଚ୍ଚ ପରିମାଣ ଏବଂ ଆସନ୍ତା ଆର୍ଥିକ ବର୍ଷ ନିମନ୍ତେ ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ବଜେଟ୍ ପ୍ରସ୍ତାବର ସମୀକ୍ଷା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ବଜେଟ୍ ସମ୍ପର୍କରେ ମତାମତ ଲୋଡ଼ିବା ସହ ବିଚାରବିମର୍ଶ କରିଥିବା ଜଣାପଡ଼ିଛି । ଚଳିତ ବଜେଟ୍ ପାଇଁ ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କରାଯାଇଥିଲା । ଏହା ପୂର୍ବରୁ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକରେ ମୁଖ୍ୟମନ୍ତ୍ରୀ' ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ବିଧାନସଭାର ବଜେଟ୍ ଅଧିବେଶନ ଚଳିତ ମାସ ୧୭ ତାରିଖରୁ ଆରମ୍ଭ ହେବ ଏବଂ ୨୦ ତାରିଖରେ ବଜେଟ୍ ଉପସ୍ଥାପନ କରାଯିବ ।

*Desk*

# ଜାତୀୟ କର୍ମଶାଳା

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଆନୁକୂଲ୍ୟରେ ମଧ୍ୟପ୍ରଦେଶର ସେହୋର ଆମ୍ଲାହଠାରେ ଡାଲିଜାତୀୟ ଫସଲ ଉପରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ରାଜ୍ୟରେ ସାମଗ୍ରିକ କୃଷି ପରିସ୍ଥିତି, ଚାଷୀମାନଙ୍କୁ ସଶକ୍ତ କରିବାପାଇଁ ରାଜ୍ୟ ସରକାରଙ୍କ ନିରନ୍ତ ପ୍ରୟାସ ସମ୍ପର୍କରେ ଆଲୋକପାତ କରିଥିଲେ । ରବିଋତୁରେ ବିସ୍ତୃତ ଧାନ ଜମିକୁ କମ୍ ସମୟରେ ଡାଲି ଏବଂ ତୈଳବିହନ ଚାଷକରି ଉତ୍ପାଦନକ୍ଷମ କ୍ଷେତ୍ରରେ ପରିଣତ କରିବାପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

*Bolangir/R*

# ସୁବର୍ଣ୍ଣ ଜୟନ୍ତୀ

ରାଜ୍ୟରେ ଆୟୁର୍ବେଦର ଉନ୍ନତିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ବଲାଙ୍ଗିର ସରକାରୀ ଆୟୁର୍ବେଦ କଲେଜ ଓ ଡାକ୍ତରଖାନାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ରାଜ୍ୟରେ ଆହୁରି ଆୟୁର୍ବେଦ କଲେଜ ଓ ହସ୍ପିଟାଲ୍ ପ୍ରତିଷ୍ଠା

ହେବ । ଏଥିସହ ଆୟୁର୍ବେଦ ଓ ହୋମିଓପ୍ୟାଥି ଡାକ୍ତରମାନଙ୍କପାଇଁ ବହୁମୁଖୀ ଯୋଜନା ସରକାର ପ୍ରସ୍ତୁତ କରୁଛନ୍ତି ।

***BBSR/R***

## ହସ୍ତତନ୍ତ ମେଳା

ରାଜ୍ୟର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପର ସଂରକ୍ଷଣ, ପ୍ରସାର ଓ ପ୍ରସାର ସହ ବୁଣାକାରମାନଙ୍କୁ ଆର୍ଥିକ ଭାବେ ସଶକ୍ତ କରିବାପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି । ଭୁବନେଶ୍ୱରସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଜାତୀୟସ୍ତରୀୟ ହସ୍ତତନ୍ତ ମେଳାକୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଛନ୍ତି, ହସ୍ତତନ୍ତ ସ୍ୱଦେଶୀ, ସଂସ୍କୃତି ଓ ସମୃଦ୍ଧିର ପ୍ରତୀକ ।

***Voice*** :........

ଏହି ମେଳା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଚଳିତଥର ୮୦ଟି ଷ୍ଟଲ୍ ଖୋଲାଯାଇଛି ।

***IPR***

## ଉଚ୍ଚ ମାଧ୍ୟମିକ ପରୀକ୍ଷା

ଚଳିତ ବର୍ଷ ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ଆସନ୍ତା ୧୮ ତାରିଖରୁ ଆରମ୍ଭ ହେଉଛି । ଶୃଙ୍ଖଳିତ ପରୀକ୍ଷା ପରିଚାଳନା ନେଇ ମୁଖ୍ୟ ଶାସନ ସଚିବ

ଅନୁ ଗର୍ଗ ସମୀକ୍ଷା କରିଛନ୍ତି । ପରୀକ୍ଷା ପରିଚାଳନାରେ କୌଣସି ପ୍ରକାର ଅବହେଳାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଶ୍ରୀମତୀ ଗର୍ଗ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ଏବଂ ମଧ୍ୟମା ପରୀକ୍ଷା ମଧ୍ୟ ଆସନ୍ତା ୧୯ ତାରିଖରୁ ଆରମ୍ଭ ହେଉଛି । ଚଳିତ ବର୍ଷ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ଶିକ୍ଷାରେ ମୋଟ୍ ୪ ଲକ୍ଷ ୧୬ ହଜାର ୬୨୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ଏଥିପାଇଁ ୨୧୧ଟି ପରୀକ୍ଷା ପରିଚାଳନା ହବ୍, ୧ ହଜାର ୩୫୭ଟି ପରୀକ୍ଷା କେନ୍ଦ୍ର ସହ ୭ଟି ଉପକେନ୍ଦ୍ରର ବ୍ୟବସ୍ଥା କରାଯାଇଛି ।

ଅନ୍ୟପକ୍ଷରେ ଆସନ୍ତା ୧୯ ତାରିଖରୁ ମାଟ୍ରିକ୍ ପରୀକ୍ଷା ଅନୁଷ୍ଠିତ ହେବ । ଚଳିତ ବର୍ଷ ୫ ଲକ୍ଷ ୪୬ ହଜାର ୮୭୫ ଜଣ ମାଟ୍ରିକ ପରୀକ୍ଷାର୍ଥୀ ୩ ହଜାର ୮୨ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ ।  ପ୍ରଶ୍ନପତ୍ରପାଇଁ ୩୨୨ଟି ନୋଡ଼ାଲ୍ ସେଣ୍ଟର ଓ ଉତ୍ତରପତ୍ର ମୂଲ୍ୟାୟନପାଇଁ ୫୦ଟି କେନ୍ଦ୍ର ପ୍ରସ୍ତୁତ କରାଯାଇଛି ।

***Kandhamal/R***

## ବାରକୋଶ ମହୋତ୍ସବ

କନ୍ଧମାଳ ଜିଲ୍ଲାର ଚକାପାଦଠାରେ ଚାଲିଥିବା ବାରକୋଶ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି, ରାଜ୍ୟର ଶୈବପୀଠଗୁଡ଼ିକ ମଧ୍ୟରେ ଚକାପାଦ ଶୈବପୀଠର ସ୍ୱତନ୍ତ୍ର

ମହତ୍ତ୍ୱ ରହିଛି । ଜିଲ୍ଲାର ବିକାଶ ପାଇଁ ବିଧାନସଭାରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି ।

*Nuapada/R*

## ଜଳସେଚନ ସମୀକ୍ଷା ବୈଠକ

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ମଧ୍ୟମ ଜଳସେଚନ ପ୍ରକଳ୍ପର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ୫ଟି ନଦୀବନ୍ଧ ସୁରକ୍ଷା କାର୍ଯ୍ୟ, ୬ଟି ମଧ୍ୟମ ଜଳସେଚନ ପ୍ରକଳ୍ପର କେନାଲ୍ ଲାଇନ୍, ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

*Bhadrak/R*

## ଆଲୋଚନାଚକ୍ର

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶିକ୍ଷା ବିଭାଗ ପକ୍ଷରୁ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଶିକ୍ଷାନୀତି ଓ ଗୁଣାତ୍ମକ ଶିକ୍ଷାର ବିକାଶ ହେବା ଉପରେ ଅତିଥିମାନେ ଆଲୋଚନା କରିଥିଲେ ।

*Nabarangpur/R*

# କାୟାକଳ୍ପ ଟିମ୍

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗତକାଲି କାୟାକଳ୍ପ ଟିମ୍ ଗସ୍ତ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ରର ପରିବେଶ ଓ ପରିଚ୍ଛନ୍ନତା, ପରୀକ୍ଷାଗାର, ବର୍ଜ୍ୟବସ୍ତୁ ପରିଚାଳନା ତଦାରଖ କରିବା ସହ ଜାତୀୟ ସ୍ୱାସ୍ଥ୍ୟ ମିଶନର ବିଭିନ୍ନ ରେକର୍ଡ଼ ଯାଞ୍ଚ୍ କରିଥିଲେ।

*Desk*

# ପାଣିପାଗ

ରାଜ୍ୟରେ ଦିନ ତାପମାତ୍ରା ହ୍ରାସ ପାଇବା ପରେ ଶୀତର ପ୍ରଭାବ ଅନୁଭୂତ ହେଉଛି । ଗତକାଲି ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୫ ଦଶମିକ ୬ ଡିଗ୍ରୀ ସେଲ୍‌ସିୟସ୍ ଥିବାବେଳେ ରାଉରକେଲାରେ ୬ ଦଶମିକ ୬ ଡିଗ୍ରୀ ତାପମାତ୍ରା ରେକର୍ଡ଼ କରାଯାଇଥିଲା। ଆସନ୍ତା ୨ ଦିନ ମଧ୍ୟରେ ପାଣିପାଗର କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ।

*****